# କେନ୍ଦୁଝରରେ "ମୋ ସରକାର ଟିମ୍": ତଦାରଖ କଲେ ଡାକ୍ତରଖାନା ଅବସ୍ଥା ଓ ସ୍ୱାସ୍ଥ୍ୟସେବା



କେନ୍ଦୁଝର, ତା୧୩/୧୦:     ଚଳିତ ଅକ୍ଟୋବର ୧୩ ତାରିଖ ରବିବାର ଦିନ ରାଜ୍ୟ ସରକାରଙ୍କର "ମୋ ସରକାର ଟିମ୍" କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଡାକ୍ତରଖାନାର ଅବସ୍ଥା ଅନୁଧ୍ୟାନ କରିବା ସହ ସ୍ୱାସ୍ଥ୍ୟସେବା ତଦାରଖ କରିଛନ୍ତି । ଓଡ଼ିଶାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କାର୍ତିକେୟ ପାଣ୍ଡିଆନ୍ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ୍ ଏହି ଟିମ୍‌ରେ ସାମିଲ ହୋଇ ଅପରାହ୍ନ ପ୍ରାୟ ୧ଘଟିକା୧୫ମି. ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସି ଶତବାର୍ଷିକୀ ଗୃହରେ ବର୍ହିବିଭାଗର ପରିଚାଳନା ତଦାରଖ କରିଥିଲେ । ଏହାପରେ ଶଲ୍ୟ ବିଭାଗ, ଭେଷଜ ବିଭାଗର ପୁରୁଷ ଓ ମହିଳା ୱାର୍ଡ ପରିଦର୍ଶନ ଓ ତଦାରଖ ସାରିବା ପରେ ମା ଓ ଶିଶୁ ୱାର୍ଡ ତଦାରଖ କରିଥିଲେ । ଏହି ୱାର୍ଡରେ ପ୍ରସବ ପରବର୍ତୀ ୱାର୍ଡ ଓ ଶିଶୁ ୱାର୍ଡ ପର୍ଯ୍ୟବେକ୍ଷଣ କରିବା ସହିତ ଉପଲବ୍ଧ ହେଉଥିବା ସେବା ତଦାରଖ କରିଥିଲେ । ବିଭିନ୍ନ ୱାର୍ଡ ପରିଦର୍ଶନ ଓ ତଦାରଖ ସମୟରେ ମୋ ସରକାର ଟିମ୍ ରୋଗୀମାନଙ୍କ ସହିତ ବାର୍ତାଳାପ କରିଥିଲେ । ସେମାନେ କେତେଦିନ ହେଲା ଡାକ୍ତରଖାନାକୁ ଆସିଲେଣି, କେମିତି ଡାକ୍ତରଖାନାକୁ ଆସିଲେ, କିପରି ଚିକିତ୍ସା ଚାଲିଛି, ଡାକ୍ତର ଓ ନର୍ସମାନଙ୍କର ବ୍ୟବହାର କିପରି, ମାଗଣାରେ ଔଷଧ ପାଉଛନ୍ତି କି ନାହିଁ, ବାହାରୁ ଔଷଧ କିଣୁଛନ୍ତି କି, ମାଗଣାରେ ଖାଦ୍ୟ ପାଉଛନ୍ତି କି ନାହିଁ, ପରିଷ୍କାର ପରିଚ୍ଛନ୍ନତା ଅନୁଭବ କରୁଛନ୍ତି କି ନାହିଁ, ସବୁ ପ୍ରକାର ପରୀକ୍ଷା ଡାକ୍ତରଖାନାରେ ହେଉଛି କି ନାହିଁ  ଇତ୍ୟାଦି ରୋଗୀମାନଙ୍କଠାରୁ ପଚାରି ବୁଝିଥିଲେ । ଏହାପରେ ଡାକ୍ତରଖାନା ପରିସରରେ ଥିବା ସମ୍ମିଳନୀ କକ୍ଷରେ "ମୋ ସରକାର ଟିମ୍" ଡାକ୍ତରଖାନା ଓ ଡାକ୍ତରଖାନାର ପରିଚାଳନା, ରୋଗୀମାନଙ୍କୁ ଯୋଗାଇ ଦିଆଯାଉଥିବା ସେବା ସମ୍ପର୍କରେ ସମୀକ୍ଷା କରିଥିଲେ । ଏହି ବୈଠକରେ ଜିଲ୍ଲାପାଳ ଆଶିଷ ଠାକରେ, ଏସ୍‌ପି ମିତ୍ରଭାନୁ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ ଦାଶ, ଏଡିଏମ୍‌ଓ(ମେଡିକାଲ) ଡା.ଜି.ସି ମିଶ୍ର, ଏଡିଏମ୍‌ଓ(ଏଫ୍‌ଡବ୍ଲୁ) ଡା.ଏସ୍.ଏସ୍ ବଳ, ଡିପିଏମ୍‌ଏନ୍‌ଏଚ୍‌ଏମ୍ ଦିଲୀପ କୁମାର ଦୁବେଙ୍କ ସମେତ ଡାକ୍ତର ଓ ଷ୍ଟାଫ୍ ନର୍ସମାନେ ଉପସ୍ଥିତ ଥିଲେ । ସମୀକ୍ଷା ବୈଠକରେ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଶ୍ରୀ ପାଣ୍ଡିଆନ୍ ଉଦ୍‌ବୋଧନ ଦେଇ କହିଥିଲେ ଯେ, ରାଜ୍ୟବାସୀଙ୍କର ସୁଖ ସମୃଦ୍ଧି ପାଇଁ  ମାନ୍ୟବର ମୁଖ୍ୟମନ୍ତ୍ରୀ "ମୋ ସରକାର " କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି  । ଏହି କ୍ରମରେ ଟେଲିଫୋନ୍ ମାଧ୍ୟମରେ ହିତାଧିକାରୀମାନଙ୍କ ସହ କଥା ହୋଇ

ସେମାନେ କିପରି ସେବା ପାଉଛନ୍ତି ତାହା ବୁଝୁଛନ୍ତି । ବାସ୍ତବ କ୍ଷେତ୍ରରେ ତୃଣମୂଳ ସ୍ତରରେ ହିତାଧିକାରୀମାନେ କିପରି ଉପକୃତ ହେଉଛନ୍ତି ଓ ସେବା ପାଉଛନ୍ତି ତାହା ଜାଣିବା ପାଇଁ "ମୋ ସରକାର" ଟିମ୍ ବିଭିନ୍ନ ଜିଲ୍ଲା ପରିଦର୍ଶନ କରୁଛନ୍ତି । ସ୍ୱାସ୍ଥ୍ୟସେବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଅଗ୍ରାଧିକାର ଦେଇଛନ୍ତି । ପରିଦର୍ଶନ ଓ ତଦାରଖ ସମୟରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅବସ୍ଥା ଓ ସ୍ୱାସ୍ଥ୍ୟସେବା ଯୋଗାଣ ସନ୍ତୋଷଜନକ ହୋଇଛି ବୋଲି ଖୁସିବ୍ୟକ୍ତ କରିବା ସହ ଆଗାମୀ ଦିନରେ ଡାକ୍ତର ଓ ପାରାମେଡ଼ିକାଲ ଷ୍ଟାଫ୍‌ମାନେ ନିଷ୍ଠାର ସହ କାର୍ଯ୍ୟ କରି ରୋଗୀମାନଙ୍କୁ ସେବା ଯୋଗାଇ ଦେବାକୁ କହିଥିଲେ ଏବଂ କେନ୍ଦୁଝର ଜିଲ୍ଲା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ମାନକ ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିବାକୁ କହିଥିଲେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଉଦ୍‌ବୋଧନ ଦେଇ "ମୋ ସରକାର" କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି ସମସ୍ତଙ୍କ ପାଇଁ ଯେପରି ସ୍ୱାସ୍ଥ୍ୟସେବା ଉପଲବ୍ଧ ହୋଇପାରିବ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଅଙ୍ଗୀକାରବଦ୍ଧ ହୋଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ବହୁତଳ ବିଶିଷ୍ଟ ମା ଓ ଶିଶୁ ୱାର୍ଡରେ ଲିଫ୍ଟ ବ୍ୟବସ୍ଥା କରିବା ପାଇଁ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଚିକିତ୍ସାଳୟମାନଙ୍କରେ ଥିବା ଶୌଚାଳୟଗୁଡ଼ିକର ସଫା ସୁତୁରା ଉପରେ ଗୁରୁତ୍ୱାରୋପ କରିଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌ର ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ୍ ନିଜ ଉଦ୍‌ବୋଧନରେ ସ୍ୱାସ୍ଥ୍ୟସେବାକୁ କିପରି ମାନ୍ୟବର ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି ତାହା ଅବତାରଣା କରି ନିରାମୟ ଯୋଜନାରେ ଆବଶ୍ୟକ ହେଲେ ବଜେଟ୍‌ର ୨୦ ଶତକଡ଼ା ଅର୍ଥରେ ଔଷଧ କ୍ରୟ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ଚିକିତ୍ସାଳୟରେ ଖାଲି ପଡ଼ିଥିବା ଡାକ୍ତର, ଷ୍ଟାଫ୍ ପଦବୀ ଅଗ୍ରାଧିକାର ଭିତିରେ ପୂରଣ କରାଯିବ ବୋଲି କହିଥିଲେ । ଏତଦ୍‌ବ୍ୟତୀତ ଜିଲ୍ଲାର ସମସ୍ତ ଚିକିତ୍ସାଳୟମାନଙ୍କରେ ଯେପରି ରୋଗୀମାନଙ୍କୁ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇପାରିବ, ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରାଯାଇପାରିବ ସେ ଦିଗରେ ସମ୍ମିଳିତ ଉଦ୍ୟମ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।  ଭଲ କାମ କଲେ ସ୍ୱୀକୃତି ଓ ପୁରସ୍କାର ମିଳିବ ଏବଂ କାର୍ଯ୍ୟରେ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି "ମୋ ସରକାର" ଟିମ୍ ସତର୍କ କରାଇ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ ସାରି "ମୋ ସରକାର" ଟିମ୍ ମନୋଜ ମଜଂରୀ ଶିଶୁଭବନଠାରେ ଅନ୍ତେବାସୀଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ । ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "ମୋ ସରକାର" ଟିମ୍‌ଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା ।

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ,କେନ୍ଦୁଝର